## ମୋବାଇଲ୍ ଦୋକାନରୁ ଚୋରି

ଗୁଣପୁର,(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ସହରରେ ଚୋରି ବୃଦ୍ଧି ପାଉଥିବାବେଳେ ପୋଲିସ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗୁରୁବାର ରାତିରେ ଠାକୁରାଣି ମନ୍ଦିର ନିକଟସ୍ଥ ପଣ୍ଡା ମୋବାଇଲ ଦୋକାନାରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇଛି। ଦୋକାନର ଶଟର ତାଲା ଭାଙ୍ଗି ଦୋକାନରେ ପଶି ୧୮ଟି ଦାମି ମୋବାଇଲ ଏବଂ ୭୫ ହଜାର ଟଙ୍କା ଚୋରି କରାଯାଇଥିବା ଦୋକାନ ମାଲିକ ବସନ୍ତ କୁମାର ପଣ୍ଡା ଗୁଣପୁର ଥାନାରେ ଅଭିଯୋଗ କରିଛନ୍ତି। ରାୟଗଡ଼ାର ଡଗ୍ ସ୍କ୍ୱାର୍ଡ ସହାୟତାରେ ତଦନ୍ତ ଚାଲିଛି। ଅଭିଯୋଗ ଅନୁଯାୟୀ, ବସନ୍ତ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳେ ଦୋକାନ ଖୋଲିବାକୁ ଆସି ଚୋରି ବିଷୟରେ ଜାଣିବାକୁ ପାଇଥିଲେ।

# ଗଞ୍ଜେଇ ଚାଲାଣକାରୀଙ୍କୁ ଧରିଲା ଛତିଶଗଡ଼ ପୋଲିସ

ଚନ୍ଦାହାଣ୍ଡି, ୩୧।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରୁ ଛତିଶଗଡ ରାୟପୁରକୁ ଗଞ୍ଜେଇ ନେଇ ଯାଉଥିବା ବେଳେ ୬ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ଚନ୍ଦାହାଣ୍ଡି ଥାନା ଅଧୀନ ବେହେରାମୁଣ୍ଡା ଗ୍ରାମର ଶଙ୍କର ସୋରି (୨୭), ଭରତ ସୋରି (୨୦), ସାୟଦ ମହମ୍ମଦ ଓରଫ ସବି (୨୧), ସମନ ଖାନ (୧୯), ଛୋଟୁ ଖାନ (୨୮) ଏବଂ ଗାନ୍ଧରୀଗୁଡା ଗ୍ରାମ ର ନବୀନ ସାହୁ (୩୦) । ଅଭିଯୁକ୍ତମାନେ ଏକ କାରରେ ଗଞ୍ଜେଇ ନେଇ ଯାଉଥିବାବେଳେ ଗରିୟାବନ୍ଦ ପୋଲିସ ସେମାନଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ସତ୍ୟେନ୍ଦ୍ର ଶ୍ୟାମ କହିଛନ୍ତି। ସେମାନଙ୍କଠାରୁ ୧୩ କେଜି ଗଞ୍ଜେଇ, ୫ଟି ମୋବାଇଲ ଓ କାର ଜବତ କରାଯାଇଛି। ଗରୀୟାବନ୍ଦ ଏସ୍‌ପି ଜୟ ଠାକୁରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଜଗଦୀଶ ଠାକୁର ଇନ୍ସପେକ୍ଟର ପି ନାୟକଙ୍କୁ ନେଇ ଗଠିତ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରିଛି।













# ୨ ଦିନ ବନ୍ଦ ରହିବ ସବୁ ଧର୍ମାନୁଷ୍ଠାନ

ନବରଙ୍ଗପୁର, ୩୧।୧୨(ବି.ପ୍ର.)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ ଧର୍ମାନୁଷ୍ଠାନର ପୂଜକ ଏବଂ କମିଟି ସଦସ୍ୟଙ୍କୁ ନେଇ ଶୁକ୍ରବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆବର୍ଷ ଓ ପରଦିନ(ଶନିବାର, ରବିବାର) ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ୨ଦିନ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ବେଶି ରୁହେ। ତେଣୁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଅତିରିକ୍ତ ଜିଲାପାଳ ଭାସ୍କର ରଇତ ସୂଚନା ଦେଇଛନ୍ତି। ଏହି ବାବଦରେ ପ୍ରଶାସନ ପକ୍ଷରୁ ନବରଙ୍ଗପୁର ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ମଧ୍ୟ ସଚେତନ କରାଯାଇଛି। ବୈଠକରେ ଡେପୁଟି କଲେକ୍ଟର ମୌସୁମୀ ନାୟକ, ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର ରାଉତ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଜିଲା ଜରୁରିକାଳୀନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ତ୍ରିପତି ବାଲାଜି ସାହୁ, ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ ତ୍ରିପାଠୀ, ଉପସଭାପତି ଭବାନୀ ଶତପଥୀ, ସାଧାରଣ ସମ୍ପାଦକ କୁନା ପାତ୍ର, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡ଼ଙ୍ଗୀ, ଭଣ୍ଡାରଘରଣୀ ମନ୍ଦିର ପୂଜକ ମୃତ୍ୟୁଞ୍ଜୟ ରଥ, ହନୁମାନ ମନ୍ଦିର ପୂଜକ ଚିନୁ ଦାସ, ଦେବୋତ୍ତର ବିଭାଗର ଗଗନ ସୌରା, ନବରଙ୍ଗପୁର ରାଜସ୍ୱ ନିରୀକ୍ଷକଙ୍କ ସମେତ ସମସ୍ତ ମନ୍ଦିର ପୂଜକ, କମିଟି ସଦସ୍ୟ ଏବଂ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା ଭାଜପା

ଉମରକୋଟ, ୩୧।୧୨(ସ୍ୱ.ପ୍ର.)

ରାଜ୍ୟରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ। ଏବେବି ଅନେକ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନି। ଯେଉଁଠ ବିଦ୍ୟୁତ୍ ସଂଯୋଗ ରହିଛି ସେଠାରେ ମଧ୍ୟ ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଘରୋଇ କରଣ କରି ବର୍ଷକୁ ବର୍ଷ ବିଦ୍ୟୁତ ଦର ବୃଦ୍ଧି କରାଯାଉଛି। ବିଭିନ୍ନ ଘରୋଇ ଏବଂ ସରକାରୀ ସଂସ୍ଥା ଗୁଡ଼ିକର କୋଟି କୋଟି ଟଙ୍କାର ବିଲ ବକେୟା ଥିବା ଅଭିଯୋଗ କରି ଉମରକୋଟ ବ୍ଲକ ଭାଜପା ବିଦ୍ୟୁତ୍ ବିଭାଗ କର୍ଯ୍ୟାଳୟ ଘେରାଉ କରିଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଜିଲାପାଳଙ୍କ ସହ ଏସବୁ ସମସ୍ୟା ସମ୍ପର୍କରେ ଫୋନ ଯୋଗେ ଆଲୋଚନା କରିଛନ୍ତି। ଖୁବ୍ ଶୀଘ୍ର ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ୫ ଦଫା ଦାବି ନେଇ ଭାଜପା ପକ୍ଷରୁ ଦାବିପତ୍ର ଦିଆଯାଇଛି। ଏହି ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ରମେଶ ସାହୁ, ନଗର ସଭାପତି ସୁରେଶ ଆଚାର୍ଯ୍ୟଙ୍କ ସହ ଶତାଧିକ ଭାଜପା କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## କାଠ ବ୍ୟବସାୟୀକୁ ଛୁରାମାଡ଼

ରାଇଘର,୩୧।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅନ୍ତର୍ଗତ ପରଚିପାରା ଗ୍ରାମରେ ବ୍ୟବସାୟକୁ କେନ୍ଦ୍ରକରି ଶୁକ୍ରବାର ଦୁଇ ନୀଳଗିରି କାଠ ବ୍ୟବସାୟୀ ମଧ୍ୟରେ ଯୁକ୍ତିତର୍କରୁ ଛୁରାମାଡ଼ କରାଯାଇଛି। ଏଥିରେ ଗ୍ରାମର ଚନ୍ଦନ ପାଲ୍ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ରାଉରକେଲାରୁ ଏକ ସିମେଣ୍ଟ ବୋଝେଇ ଗାଡ଼ି ଆସି ଛତିଶଗଡ଼ ସୀମାନ୍ତ କୁନ୍ଦେଇ ଥାନା ଅଧୀନ ତୁରୁଣ୍ଡିହି ଗ୍ରାମରେ ପହଞ୍ଚିଥିଲା। ସିମେଣ୍ଟ ଖାଲି କରାଯିବା ପରେ ଉକ୍ତ ଟ୍ରକ୍‌ରେ ପରଚିପାରା ଗ୍ରାମର ବ୍ୟବସାୟୀ ବିଭାସ ବାଛାଡ଼ ନିଲଗିରି କାଠ ପଠାଇବା ପାଇଁ ଚାଳକଙ୍କୁ କହିଥିଲେ। ମାଲିକଙ୍କ ନିର୍ଦ୍ଦେଶରେ କାଠ ନେବି ବୋଲି ଚାଳକ କହିଥିଲେ। ଏହା ମଧ୍ୟରେ ଗ୍ରାମର ଅନ୍ୟ ଜଣେ ବ୍ୟବସାୟୀ ଚନ୍ଦନ ପାଲ୍‌ଙ୍କ କାଠ ଉକ୍ତ ଗାଡ଼ିରେ ଭର୍ତ୍ତି କରାଯାଉଥିବା ଜାଣି ବିଭାସ ଚନ୍ଦନଙ୍କ ସହ ଗଣ୍ଡଗୋଳ କରି ଛୁରାମାଡ କରିଥିଲେ। ଚନ୍ଦନଙ୍କୁ ରାୟପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ତଦନ୍ତ ଚଳାଇଛି ।

## ପଦକ୍ଷେପ ନ ନେଲେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ

ରାୟଗଡ଼ା ଅଫିସ/ଟିକିରି,୩୧।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ସଭାପତି ଶ୍ୟାମକୁମାର ଦାଶଙ୍କ ତତ୍ତ୍ୱାବଧାନ ଏବଂ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅଜୟ କୁମାର ବୁଲେଟଙ୍କ ନେତୃତ୍ୱରେ ରାୟଗଡ଼ା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ରାୟଗଡ଼ା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଜେକେପୁରକୁ ଏନ୍‌ଏସି ଘୋଷଣା କରିବା, ଗେଠିପଡ଼ା, କଳାହାଣ୍ଡିପଡ଼ା, ସୋର୍ମପଡ଼ା, ଡଙ୍ଗରିପଡ଼ାର, ଗାଡ଼ବାଗୁଡ଼ାର ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ପିଏମ୍ ଆବାସ ଯୋଜନାରେ ଘର ପ୍ରଦାନ, ଡାକ୍ତରଖାନାର ପୁନରୁଦ୍ଧାର, ଜେକେ କାଗଜକଳରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ବ୍ୟବସ୍ଥା, ପିପିଲିଗୁଡ଼ାରେ ଯୁକ୍ତ୨ର ନୂତନ କଲେଜ ସ୍ଥାପନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ୯୬୦ ମୋବାଇଲ ନେଟ୍‌ୱର୍କ ଟାୱାର ମଧ୍ୟରୁ ପିପିଲିଗୁଡ଼ାରେ ଗୋଟିଏ କରିବା ଆଦି ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରଶାସନିକ ଅବହେଳା ଜିଲାରେ ସମସ୍ୟାର ମୂଳ କାରଣ ଏବଂ ବିଜେଡି ନିର୍ଦ୍ଦେଶରେ ଅଧିକାରୀମାନେ କାମ କରୁଛନ୍ତି ବୋଲି ଅଜୟ ବୁଲେଟ ଅଭିଯୋଗ କରିଛନ୍ତି। ଉକ୍ତ ଦାବିଗୁଡ଼ିକୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଗଲେ ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକଙ୍କ ସମେତ ରାୟଗଡ଼ା ନଗର ଭାଜପା ସଭାପତି ବିଦ୍ୟାଭୂଷଣ ପଣ୍ଡା, ଜେକେ ମଣ୍ଡଳ ସଭାପତି ତରୁଣ ଗୋରଡ଼ିଆ, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଟି. ନାଗାରାଜୁ, ରାୟଗଡ଼ା ନଗର ଯୁବମୋର୍ଚ୍ଚା ସଭାପତି ରାଜେଶ କୁମାର ପାଣିଗ୍ରାହୀ, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯୁବମୋର୍ଚ୍ଚା ସଭାପତିଙ୍କ ତତ୍ତ୍ୱାବଧାନରେ ଜିଲା ଯୁବମୋର୍ଚ୍ଚା ଉପସଭାପତି କୃଷ୍ଣଚନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ଜିଲାର କାଶୀପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କାଶୀପୁର ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି, ଉତ୍କଳ ଆଲୁମିନା ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଉନ୍ନତୀକରଣ, ବନ୍ଦ ଥିବା ଆଇଟିଆଇ କଲେଜ ପୁଣି ଖୋଲିବାକୁ ଦାବି ହୋଇଛି।












ଧରିତ୍ରୀ
DHARITRI
ଶନିବାର, ୧ ଜାନୁୟାରୀ, ୨୦୨୨



## ଜୟପୁରର ପ୍ରଥମ ବିଧାୟକ ଲଇଚନ ନାୟକଙ୍କ ସ୍ମୃତିସଭା

ଜୟପୁର,(ନି.ପ୍ର. )-ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ବିଧାନସଭାକୁ ଜୟପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ପ୍ରଥମ ବିଧାୟକ ସ୍ୱର୍ଗତ ଲଇଚନ ନାୟକଙ୍କ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଲଇଚନ ନାୟକ ସେବା ସଂଘ, ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା, ଜୟପୁର ସିଟିଜେନ କମିଟି, ପୂଜ୍ୟପୂଜା ସଂଘ, ସାହାଯ୍ୟ ଗ୍ରୁପ ପକ୍ଷରୁ ହୋଇଥିବା ଏହିସଭାରେ ସିଟିଜେନ କମିଟିସଭାପତିମାନ କେତନ ଦାସ, ସାଧାରଣ ସମ୍ପାଦକ ଗୀତା ପ୍ରକାଶ ମିଶ୍ର, କାର୍ଯ୍ୟକାରିଣୀ ସଭ୍ୟ ସୁବାସ ପଣ୍ଡା, ଭେଙ୍କେଟ ରାଓ ପଟ୍ଟନାୟକ, ରାମକୃଷ୍ଣ ସାହୁ, ସାହାଯ୍ୟ ଗ୍ରୁପର ବୈରୋଗୀ ସାହୁ, କାର୍ତ୍ତିକ ରାଉତ ପ୍ରମୁଖ ଜାତୀୟ ରାଜପଥ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ତାଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ ।

# ସ୍ୱାଭିମାନ ଅଞ୍ଚଳରୁ ମାଓବାଦୀ ସାମଗ୍ରୀ ଜବତ

**ମାଲକାନଗିରି,୩୧।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ମାଲକାନଗିରି ପୋଲିସ ଓ ବିଏସ୍ଏଫ୍ ଯବାନ ଶୁକ୍ରବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ମାଓବାଦୀଙ୍କ ସାମଗ୍ରୀ ଥିବା ଖବର ପାଇ ଜୋଡାମ୍ବ ଥାନା ଅନ୍ତର୍ଗତ ଯନ୍ତ୍ରୀ ପଞ୍ଚାୟତର ଡାବେର ଓ ଆରଲିଙ୍ଗପଡ଼ା ଜଙ୍ଗଲରେ ମାଲକାନଗିରି ପୋଲିସ ଓ ବିଏସ୍ଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ ଜଙ୍ଗଲର ଏକ ସ୍ଥାନରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଥିବା ଦେଖି ଏସବୁ ଜବତ କରିଥିଲେ। ଜବତ ସାମଗ୍ରୀଗୁଡିକ ମଧ୍ୟରେ ୬ଟି ଟିଫିନ୍ ବୋମା, ୨ଟି ପ୍ରେସର ବୋମା, କଡେକ୍ସ ତାର, ୭.୬୨ ଅଫୁଟା ଗୁଳି, ୨ଟି, ଇନ୍‌ସାସ୍ ମାଗାଜିନସମେତ ଅନ୍ୟ ସାମଗ୍ରୀ ରହିଛି।

# ପୁଅ ଛୁରାମାଡ଼ରେ ବାପା ମୃତ

**ଜୟପୁର, ୩୧।୧୨ (ନି.ପ୍ର.)**

ପୁଅର ଛୁରାମାଡ଼ରେ ବାପାଙ୍କ ମୃତ୍ୟୁ ଘଟିବା ପରି ଅଭାବନୀୟ ଘଟଣା କୋରାପୁଟ ଜିଲା ଜୟପୁରରେ ଘଟିଛି। ମୃତକ ହେଉଛନ୍ତି ନୂଆସାହିର ଅମିର ନାଗ (୩୪)। ନୂଆସାହି ୪ର୍ଥ ଲାଇନରେ ଅମିର ପରିବାର ସହ ରହୁଥିଲେ। ବାପପୁଅଙ୍କ ମଧ୍ୟ କୌଣସି କାରଣକୁ ନେଇ ସର୍ବଦା ତିକ୍ତତା ଲାଗି ରହୁଥିଲା । ଗତ ୨୭ରେ ନାବାଳକ ପୁଅ (୧୪) ଓ ଅମିରଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ପୁଅ ବାପା ଅମିରଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଭାବେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଅମିରଙ୍କ ମା' ଟାଉନ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୩୪୫/୨୧ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

# ପୋଲିସ- ମାଓବାଦୀ ଗୁଳି ବିନିମୟ, ଯବାନ ନିହତ

**ମାଲକାନଗିରି, ୩୧।୧୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲା କିସ୍ତାରାମ ଥାନା ଅନ୍ତର୍ଗତ ମୁୟାପରା ଗ୍ରାମ ଜଙ୍ଗଲରେ ଶୁକ୍ରବାର କୋମ୍ବିଂ ଅପରେଶନ ବେଳେ ମାଓବାଦୀ-ପୋଲିସ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ଯବାନଙ୍କ ମୃତ୍ୟୁ ହୋଇଛି। ଗୁଳି ବିନିମୟ ପରେ ସମ୍ପୃକ୍ତ ଯବାନଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଡାକ୍ତରଖାନାକୁ ହେଲିକପ୍ଟର ଯୋଗେ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି।

# ସାଇବର, ଅର୍ଥନୈତିକ ଅପରାଧିକ ଥାନା ଉଦଘାଟିତ

**କୋରାପୁଟ,୩୧।୧୨(ସ୍ୱ.ପ୍ର.)**

କୋରାପୁଟ ପୋଲିସ ମୁଖ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାଇବର ଓ ଅର୍ଥନୈତିକ ଅପରାଧିକ ଥାନା ଶୁକ୍ରବାର ଖୋଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହି ଥାନାର ଉଦ୍‌ଘାଟନ କରିଛନ୍ତି। କୋରାପୁଟ ପୋଲିସ ମୁଖ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ରାଓ , କୋରାପୁଟ ବିଧାୟକ ରଘୁରାମ ପଡାଲ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଉପସ୍ଥିତ ଥିଲେ ।

# କ୍ଷେତପୋଖରୀ ପରିଦର୍ଶନ କଲେ ରାଜ୍ୟ ଜଳ ବିଭାଜିକା ନିର୍ଦ୍ଦେଶକ

**କୋରାପୁଟ,୩୧।୧୨(ସ୍ୱ.ପ୍ର.)**

ରାଜ୍ୟ ଜଳ ବିଭାଜିକା ନିର୍ଦ୍ଦେଶକ ହେମନ୍ତ ପଣ୍ଡା କୋରାପୁଟ ଜିଲା ଗସ୍ତରେ ଆସି ସେମିଳିଗୁଡ଼ା ବ୍ଲକର ପୁଟସିଲ ଓ ରୋଜନାଗୁଡା ଗ୍ରାମ ପରିଦର୍ଶନ କରି ଫେରିଛନ୍ତି। ସେଠାରେ ପୁଟସିଲ ଗ୍ରାମର ଚାଷୀ ଜୟରାମ ଜାନି, ରାଜନାଗୁଡା ଗ୍ରାମର ଚାଷୀ କୁସା ବିଶୁଙ୍କ ନିର୍ମିତ କ୍ଷେତ ପୋଖରୀକୁ ସେ ଅନୁଧାନ କରିଥିଲେ। କ୍ଷେତପୋଖରୀ ଯୋଜନାରେ ପାହାଡ଼ର ଜଳକୁ ସଂରକ୍ଷିତ କରି ପୋଖରୀ ପାର୍ଶ୍ୱରେ କଦଳୀଚାଷ ସହ ସେଠାରେ ସମନ୍ୱିତ କୃଷି ଚାଷ କରାଯାଇପାରୁଛି।

## ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆତ୍ମନିର୍ଭରଶୀଳ କର୍ମଶାଳା

**ମାଲକାନଗିରି, ୩୧।୧୨(ଡି.ଏନ୍.ଏ.)**

ଆଦିବାସୀ ସମନ୍ୱିତ ଉନ୍ନୟନ ସଂସ୍ଥା ସଭା ଗୃହରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଆଇନରେ ଛନ୍ଦିହୋଇ ପଡିଥିବା ୪୦ରୁ ଅଧିକ କିଶୋରୀ ଓ କିଶୋର ଅଂଶଗ୍ରହଣ କରିଥିଲେ। ପିଏ ଆଇଟିଡିଏ କ୍ଷୀରାବ୍ଧି ବେହେରା, ସଦସ୍ୟ ସୁନାକର ପାଳ, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ଜିଲା କର୍ମନିଯୁକ୍ତି ଅଧିକାରୀ ମନସ୍ୱିନୀ ସେଠୀ, ତରୁଣକାନ୍ତ ମହାନ୍ତି, ୟୁନିସେଫ୍‌ର ପ୍ରସନ୍ନ ମିଶ୍ର, ସତ୍ୟଜିତ ପଣ୍ଡା, ସୁଦେଷ୍ଣା ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କୋଟିଆର ୩ ଗ୍ରାମର ୧୯୧ ହିତାଧିକାରୀଙ୍କୁ ସହାୟତା

**ପଟ୍ଟାଙ୍ଗୀ, ୩୧।୧୨ (ଡି.ଏନ.ଏ.)**

ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତର ଫାଟୁସିନେରି , ଫଗୁଣସିନେରି ଓ ଡୋଲିଆମ୍ବ ଗ୍ରାମର ହିତାଧିକାରୀଙ୍କୁ ଶୁକ୍ରବାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ହଜାର ଟଙ୍କା ଲେଖାଏ କରୋନା ସହାୟତା ପ୍ରଦାନ କରାଯାଇଛି। ମୋଟ ୧୯୧ ଜଣ ହିତାଧିକାରୀ ଏହି ସହାୟତା ପାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

## କୁଷ୍ଠରୋଗୀଙ୍କ ଥଇଥାନ ନେଇ ପ୍ରଶାସନର ସହାୟତା

**ଚିତ୍ରକୋଣ୍ଡା, ୩୧।୧୨(ଡି.ଏନ.ଏ.)**

ଚିତ୍ରକୋଣ୍ଡାର ଭଗବାନ କ୍ରିଶାନି ନାମକ ଜଣେ କୁଷ୍ଠରୋଗୀଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ ଚିହ୍ନଟ କରି ବିଡିଓ ରାହୁଲ ମଣ୍ଡଳ ଏକ ସ୍ୱତନ୍ତ୍ର କିଟ୍ ସହାୟତା ଯୋଗାଇ ଦେଇଛନ୍ତି। ସେଥିରେ ସପ, ବେଡ଼ସିଟ, ଛତା, ମ୍ୟାଟ, ଧୋତି, ଗାମୁଛା, ଲୁଗା, ବାସନସେଟ, ଫିନାଇଲ ଭଳି ସାମଗ୍ରୀ ରହିଛି। ୫ହଜାର ଟଙ୍କାର ସହାୟତା ତାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଛି।

## ୩ରୁ ହାୱଡା- ଜଗଦଲପୁର ଏକ୍ସପ୍ରେସ

**କୋରାପୁଟ, ୩୧।୧୨(ସ୍ୱ.ପ୍ର)**

ଜାନୁଆରୀ ୩ରୁ ହାୱାଡା-ଜଗଦଲପୁର ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ। ହାୱାଡା-ଜଗଦଲପୁର ଏକ୍ସପ୍ରେସ ୩ରୁ ଚାଲିବାକୁ ଥିବାବେଳେ ୫ରୁ ଜଗଦଲପୁରରୁ କୋରାପୁଟ ଦେଇ ହାୱାଡା ଯାତ୍ରା କରିବ। ଏହା ସପ୍ତାହର ମଙ୍ଗଳବାର, ବୁଧବାର, ଶୁକ୍ରବାର ଓ ରବିବାର ଜଗଦଲପୁରରୁ ଭାୟା କୋରାପୁଟ ଦେଇ ହାୱାଡା ଯିବାକୁ ଥିବାବେଳେ ହାୱାଡାରୁ ଜଗଦଲପୁର ସପ୍ତାହର ସୋମବାର ବୁଧବାର ଶୁକ୍ରବାର ଓ ରବିବାର ଚାଲିବ ବୋଲି ବୋଲି ଷ୍ଟେସନ ମ୍ୟାନେଜର କହିଛନ୍ତି ।





































